# Akashvani, Sambalpur

## SAMBALPURI NEWS EVENING BULLETIN

## 9 July 2024- 7.02 pm- 7.12 pm.

**********************************************

୧- ବିଦ୍ୟାରୂପୀ ସଞ୍ଜିବନୀ ଲୁକର୍ ଜୀବନ୍‌କେ ଧନ୍ୟ କର୍‌ବାର୍ ସହେତେ ସବୁ କ୍ଷେତ୍ରଥି ସଫଳତା ଦେସି- କହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ୪ ଦିନିଆ ଓଡ଼ିଶା ଗସ୍ତ ସାରିକରି ଫିର୍‌ଲେ ନୂଆଦିଲ୍ଲୀ ।

୨- ଶ୍ରୀକ୍ଷେତ୍ର ପୁରୀ ନ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ଆଉ କିଛି ସମିଆ ଉତ୍‌ରୁ ହେବା ଆଡ଼ପ ମଣ୍ଡପ୍ ବିଜେ ।

- ଆଏବା କାଏଲ୍‌ଠାନୁ ମିଲ୍‌ବା ଆଡ଼ପ ଅବଢ଼ା ।

୩- ଆଏବା ୧୪ ତାରିଖ୍ ଦିନ ରତ୍ନଭଣ୍ଡାର୍ ଖୁଲ୍‌ବାର୍ ଲାଗି ସର୍‌କାର୍‌ଙ୍କୁ କରାଯିବା ସୁପାରିଶ୍- କହେଲେ ରତ୍ନଭଣ୍ଡାର୍ ଯାଂଚ୍ କମିଟି ଅଧକ୍ଷ ।

ଆଉର୍

୪- ରାଏଜେ ଗଲା ୫ ବଛର୍ ଭିତ୍‌ରେ ଡେଙ୍ଗୁ ଚିହ୍ନଟ୍ ହେଇଥିବା ଇଲାକାମାନ୍‌କେ ଫେର୍‌ଘାଏ କରାଯିବା ସର୍ଭେ ।

ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ କଟକ୍

ବିଦ୍ୟାରୂପୀ ସଞ୍ଜିବନୀଥି ମୁନୁଷ୍‌ର ଜୀବନ୍ ଧନ୍ୟ ହେବାର୍ ସହେତେ ସବୁ କ୍ଷେତ୍ରଥି ସଫଲତା ଦେସି ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଭୁବ୍‌ନେଶ୍ୱର୍‌ର ଜାତୀୟ ବିଜ୍ଞାନ୍ ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍- ନାଇଜର୍‌ର ୧୩ ନମ୍ବର୍ ଦୀକ୍ଷାନ୍ତ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀମତୀ ମୁର୍ମୁ କହିଛନ୍ ଯେ, ବିଦ୍ୟା ବ୍ୟକ୍ତିକେ ଅମୃତ୍ ଦେସି । ସ୍ନାତକ ଛାତ୍ରଛାତ୍ରୀମାନ୍‌କୁ ସେମାନ୍‌କର୍ ସଫଲତା ଲାଗି ଶୁଭେଚ୍ଛା ଜନାବାର୍ ସହେତେ ଆଏବା ଦିନେ ଶିକ୍ଷା ଆଉ ଜ୍ଞାନ୍‌କେ ମାନବତାର୍ ଉପକାର୍ ଲାଗି ବେଭାର୍ କର୍‌ବାର୍ ଲାଗି ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ । ପ୍ରସିଦ୍ଧ ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ସି.ଭି.ରମଣ୍ ଆର୍ ଭାରତୀୟ ଜ୍ୟୋତିର୍ବିଦ୍ ଗଣିତଜ୍ଞ ପଠାଣୀ ସାମନ୍ତଙ୍କର୍ ଅନନ୍ୟ ପ୍ରତିଭା ଉପ୍‌ରେ ରାଷ୍ଟ୍ରପତି ଇ ଅବ୍‌ସରେ ଆଲୋକପାତ କରିକରି କହିଥିଲେ ଯେ, ବିଜ୍ଞାନ୍ ଆଉ ବୈଷୟିକ ଜ୍ଞାନ୍‌କୌଶଲ୍‌ର ଠିକ୍ ପ୍ରୟୋଗ୍ ଲାଗି ଦେଶର୍ ବିକାଶ୍ ତୁର୍‌ତି ହେଇପାର୍‌ବା । ସେଆଡ଼େ ଇତାର୍ ଅପବ୍ୟବହାର୍ ମାନବ୍ ଜାତିକେ ଧ୍ୱଂସମୁଖକେ ନେଇଯାଇପାରେ ବଲି ରାଷ୍ଟ୍ରପତି ସତର୍କ କରେଇ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶା ଗସ୍ତ ଅବ୍‌ସରେ ପୁରୀ ନ ବିଶ୍ୱପ୍ରସିଦ୍ଧ ରଥଯାତ୍ରାଥି ଶ୍ରୀଜୀଉଙ୍କୁ

ଦର୍ଶନ୍ କର୍‌ବାର୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଯୋଗ୍ ଦେଇଥିଲେ । ୪ ଦିନିଆ ଗସ୍ତ ସାରିକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଏଜ୍ ସଞ୍ଜ୍‌ବେଲେ ନୂଆଦିଲ୍ଲୀ ଫିରିଯାଇଛନ୍ ।

ରଥ୍‌ଯାତ୍ରା- ଆଡ଼ପମଣ୍ଡପ ବିଜେ          ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ଆଉ କିଛି ସମିଆ ଉତ୍‌ରୁ ଆଡ଼ପ ମଣ୍ଡପ୍‌କେ ବିଜେ କରାଯିବା । ଇଥିର୍‌ଲାଗି ସବୁ ପ୍ରକାର୍ ପ୍ରସ୍ତୁତି ସରିଛେ । ପହେଲା ମଦନ୍ ମୋହନ୍ ଆର୍ ରାମକୃଷ୍ଣଙ୍କୁ ବିଜେ କରାଯିବା । ଇତାର୍‌ଉତ୍‌ରୁ ସୁଦର୍ଶନ୍‌ଙ୍କର୍ ପହଣ୍ଡି ହେବା । ପଛେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଆର୍ ଶେଷେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଗୋଟି ପହଣ୍ଡିଥି ଯାଇକରି ଆଡ଼ପ ମଣ୍ଡପ୍‌କେ ବିଜେ କର୍‌ବେ । ପରମ୍ପରା ଅନ୍‌ସାରେ ଆଏଜ୍ ସନ୍ଧ୍ୟାଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ତିନ୍‌ହି ରଥଥି ଚାରମାଳ ବନ୍ଧା ଯାଇଥିଲା । ସେଆଡ଼େ ମାହାପୁରୁମାନ୍‌କର୍ ପହଣ୍ଡି ଦେଖିବାର୍ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର୍ ପାଖେ ବହୁତ୍‌ଟେ ଭିଡ଼୍ ହେଇଛେ । ଆଏବା କାଏଲ୍‌ଠାନୁ ଆଡ଼ପ ଅବଢ଼ା ମିଲ୍‌ବା ।

ରତ୍ନଭଣ୍ଡାର୍            ଆର୍‌ଏନ୍‌ୟୁ/ କଟକ୍

ଆଏବା ୧୪ ତାରିଖ୍ ଦିନ ରତ୍ନଭଣ୍ଡାର୍ ଖୁଲ୍‌ବାର୍ ଲାଗି ସର୍‌କାର୍‌ଙ୍କୁ ଅନୁରୋଧ୍ କରାଯିବା ବଲି ରତ୍ନଭଣ୍ଡାର୍ ଯାଂଚ୍ କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ । ଆଏଜ୍ ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ହେଇଥିବା ଯାଂଚ୍ କମିଟିର୍ ବୈଠକ୍ ଉତ୍‌ରୁ ଜଷ୍ଟିସ୍ ରଥ କହିଛନ୍ ଯେ, ସର୍ବସମ୍ମତିଥି ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ସେ କହିଛନ୍ ଯେ, ରତ୍ନଭଣ୍ଡାର୍ ଖୁଲ୍‌ବାର୍ ଉତ୍‌ରୁ ଇତାର୍ ଦେଖ୍‌ରେଖ୍ ଆର୍ ଅଲ୍‌ଙ୍କାର୍‌ର ଗନ୍‌ତି ବାବ୍‌ଦେ ପରବର୍ତୀ ପଦକ୍ଷେପ୍ ନିଆଯିବା । ରତ୍ନଭଣ୍ଡାର୍‌ର ଅଲଙ୍କାର୍‌ମାନ୍ ରଖ୍‌ବାର୍ ଲାଗି ଶ୍ରୀମନ୍ଦିର୍ ଭିତ୍‌ରେ ଗୁଟେ ସ୍ୱତନ୍ତ୍ର ଜାଗା ଚିହ୍ନଟ୍ କରାଯାଇଛେ ବଲି ଜଷ୍ଟିସ୍ ରଥ କହିଛନ୍ । ସେ କହିଛନ୍ ଯେ, ସୁନାରୀ ମାନ୍‌କର୍ ଦ୍ୱାରା ଅଲଙ୍କାର୍ ମାନ୍‌କର୍ ମୂଲ୍ୟାୟନ କରାଯିବା । ବୈଠକ୍‌ଥି ରତ୍ନଭଣ୍ଡାର୍ ଖୁଲ୍‌ବାର୍, ଇତାର୍ ଦେଖ୍‌ରେଖ୍, ଅଲଙ୍କାର୍ ଗନ୍‌ତି ଆର୍ ମୂଲ୍ୟାୟନ ବାଗିର୍ ପ୍ରସଙ୍ଗ ନେଇକରି ଗୁଟେ ମାର୍ଗଦର୍ଶିକା ପ୍ରସ୍ତୁତି ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଛେ । ହେଲେ ଇସବୁ ପ୍ରକ୍ରିୟା ଭିତ୍‌ରେ ସାଧାରଣ ଦର୍ଶନ୍ ଆଘର୍ ବାଗିର୍ ଜାରି ରହେବା ବଲି ସେ କହିଛନ୍ ।

ଗର୍ଭଗୃହ ଯାଂଚ୍     ଆର୍‌ଏନ୍‌ୟୁ/ କଟକ୍

ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ୍ ସଂସ୍ଥା- ଏଏସ୍‌ଆଇ ଆର୍ ପୂର୍ତ ବିଭାଗ୍‌ର ବିଶେଷଜ୍ଞମାନ୍‌କର୍ ମିଲିତ୍ କମିଟି ଆଏଜ୍ ପୁରୀ ଶ୍ରୀମନ୍ଦିର ଗର୍ଭଗୃହ ଯାଂଚ୍ କରିଛେ । ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ଆର୍ ମନ୍ଦିର୍‌ର ପ୍ରଶାସନିକ ଅଧିକାରୀ ଇ କମିଟିଥି ସଭ୍ୟ ଅଛନ୍ । ଗର୍ଭଗୃହ ସହେତେ ରତ୍ନସିଂହାସନ, ନାଟ୍ୟମଣ୍ଡପ, ଜଗମୋହନ, ଗର୍ଭଗୃହର୍ ପହେଲା ମହଲା ଆର୍ ଦୁଇ ନମ୍ବର୍ ମହଲା ନିୟମିତ ଯାଂଚ୍ କରାଯାଇଛେ । ଫି’ ବଛର୍ ଶ୍ରୀଗୁଣ୍ଡିଚା ଯାତ୍ରା ଅବ୍‌ସର୍‌ଥି ଇ ଯାଂଚ୍ କରାଯାଏସି । ଇତାର୍‌ସହେତେ ଅଁଳା ବେଢ଼ା ଆର୍ ଅଲ୍‌ଗା ପାର୍ଶ୍ୱ ଦେବାଦେବୀଙ୍କର୍ ମନ୍ଦିର୍ ଯାଂଚ୍ ଆର୍ ଦର୍‌କାର୍ ପଡ୍‌ଲେ ମରାମତି କାମ୍ କରାଯାଏସି । ୯ ଦିନ୍‌ତକ୍ ଶ୍ରୀଗୁଣ୍ଡିଚା ଯାତ୍ରା ଅବ୍‌ସରେ ଇ ଯାଂଚ୍ ଆର୍ ମରାମତି ପ୍ରକ୍ରିୟାକେ ସମୟ ଅନ୍‌ସାରେ ଶେଷ୍ କର୍‌ବାର୍ ଲାଗି ଏଏସ୍‌ଆଇ ଯୋଜ୍‌ନା ପ୍ରସ୍ତୁତ୍ କରିଛେ । ଗଲାବଛର୍ ଶ୍ରୀଗୁଣ୍ଡିଚା ଯାତ୍ରା ବେଲେ କରାଯାଇଥିବା ମରାମତି ମାନ୍‌କର୍ ସ୍ଥିତିକେ ଭିଲ୍ ଯାଂଚ୍ କରାଯାଉଛେ । ଗର୍ଭଗୃହନୁ

କଳା ଆସ୍ତରଣ ଛଡ଼ାଯିବା ବଲି ଏଏସ୍ଆଇ ତରଫୁ ଜନାପଡ଼ିଛେ ।

## ବିଜ୍ଞାନ୍ ଆଉ କାରିଗରି ମନ୍ତ୍ରୀ         ସୂଚନା-ଲୋକସମ୍ପର୍କ ବିଭାଗ୍

ବିଜ୍ଞାନ୍ ଆଉ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ ଭୁବ୍‌ନେଶ୍ୱର୍ ପାଖର୍ ଅନ୍ଧାରୁଆ ନ ଥିବା ଗଣିତ ଆଉ ପ୍ରୟୋଗ ପ୍ରତିଷ୍ଠାନ୍ ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରତିଷ୍ଠାନ୍‌ର ପ୍ରଶାସନିକ୍ ବ୍ଲକ୍, ଏକାଡେମିକ୍ ବ୍ଲକ୍, ଲାଇବ୍ରେରୀ ଆର୍ ଛାତ୍ରାବାସ ବୁଲି ଦେଖିଥିଲେ । ପ୍ରତିଷ୍ଠାନ୍‌ର ନିର୍ଦ୍ଦେଶକ ଯଶୋବନ୍ତ ଜେନା ପ୍ରତିଷ୍ଠାନ୍‌ର ଭିନ୍ ଭିନ୍ କାର୍ଯ୍ୟାବଳୀ, ପାଠ୍ୟଖସଡ଼ା, ଶିକ୍ଷାଦାନ୍ ବ୍ୟବସ୍ଥା ଆଉ ପ୍ରତିଷ୍ଠାନ୍‌ର ସଫଳତା ବାବ୍‌ଦେ ମନ୍ତ୍ରୀଙ୍କୁ ଜନେଇଥିଲେ । ଇତାର୍‌ଛଡ଼ା ଇ ପ୍ରତିଷ୍ଠାନ୍ ଗଣିତର ଗବେଷଣାତ୍ମକ ସ୍ୱତନ୍ତ୍ର ପାଠ୍ୟକ୍ରମ ତିଆର୍ କରାଯାଇକରି ଶିକ୍ଷାଦାନ୍, ଗଣିତର ପ୍ରୟୋଗାତ୍ମକ ଦିଗେ ଗବେଷଣା, ମେଧା ଅନ୍ୱେଷଣ ଆର୍ ପ୍ରଶିକ୍ଷଣ୍ ବାଗିର୍ କାମ୍ ହାତ୍‌କେ ନେଇଛେ ବଲି ସେ ମନ୍ତ୍ରୀଙ୍କୁ ଅବଗତ କରେଇଥିଲେ । ଇ ପ୍ରତିଷ୍ଠାନ୍‌ଥି ଅଧ୍ୟାପକ ନିଯୁକ୍ତି ଆଉ ଭିତିଭୂମିର୍ ବିକାଶ୍

ଲାଗି ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ।

ଡେଙ୍ଗୁ ଚିହ୍ନଟ- ଫେର୍ ସର୍ଭେ          ଆର୍ଏନ୍ୟୁ/ କଟକ୍

ରାଏଜେ ଗଲା ୫ ବଛର୍ ଭିତ୍ରେ ଡେଙ୍ଗୁ ଚିହ୍ନଟ୍ ହେଇଥିବା ଇଲାକାମାନ୍କେ ଫେର୍ ସର୍ଭେ କରାବାର୍ ଲାଗି ପଦକ୍ଷେପ୍ ନିଆଯାଇଛେ । ଜିଲ୍ଲାପାଲ୍ ଆର୍ ମ୍ୟୁନିସିପାଲ୍ଟି କମିଶନର୍ଙ୍କୁ ଚିଠି ଲେଖିକରି ସ୍ୱାସ୍ଥ୍ୟ ସଚିବ ସର୍ଭେ ବାବ୍ଦେ ତଥ୍ୟ ଦାଖଲ୍ କର୍ବାର୍ ଲାଗି ଅନୁରୋଧ୍ କରିଛନ୍ । ସେସବୁ ଇଲାକା ନ ପରିସ୍ଥିତିକେ ନଜର୍ଥି ରଖିକରି ଆଗୁଆ ପଦକ୍ଷେପ୍ ନେବାର୍ ଲାଗି ଇ ନିଷ୍ପତି ନିଆଯାଇଛେ ବଲି ସ୍ୱାସ୍ଥ୍ୟ ବିଭାଗ୍ କହିଛେ । ବର୍ଷା ରତୁ ମୁଲ୍ ହେଇଥିବାର୍ନୁ ଡେଙ୍ଗୁ ଆଉ ମେଲେରିଆ ସଂକ୍ରମଣ୍କେ ରୋକ୍ବାର୍ ଲାଗି ଜନସଚେତନତା ବଢ଼ାବାର୍କେ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ପଦକ୍ଷେପ୍ ନିଆଯାଉଛେ ।

ଜନଶୁଣାଣି

ବର୍ଗଡ଼୍/ ସମ୍ବଲପୁର/ ଝାର୍ସୁଗୁଡ଼ା/ ସୁବର୍ଣ୍ଣପୁର୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ମାନ୍କେ ଆଏଜ୍ ଅଭିଯୋଗ୍ ଶୁଣାଣି ଶିବିର ମାନ୍ ହେଇଯାଇଛେ । ବର୍‌ଗଡ୍ ଜିଲ୍ଲା ବିଜେପୁର୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର୍ ନ ହେଇଥିବା ଶିବିର୍‌ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟେଲ୍, ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା, ଜିଲ୍ଲାପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ସୁଶାନ୍ତ ସିଂ ଯୋଗ୍ ଦେଇଥିଲେ । ଇଥି ୭୮ ଟା ଅଭିଯୋଗ୍ ଭିତ୍‌ରୁ ୬୬ ଟା ବ୍ୟକ୍ତିଗତ ଆର୍ ୧୨ ଟା ସାମୂହିକ୍ ସମସ୍ୟାର୍ ଶୁଣାଣି କରିକରି ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ୍ ଠାନେ ହେଇଥିବା ମିଳିତ ଅଭିଯୋଗ୍ ଶୁଣାଣି ଶିବିରଥି ୬୨ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା । ସେ ଭିତ୍‌ରୁ ୬୦ ଟା ବ୍ୟକ୍ତିଗତ ଆଉ ୨ ଟା ସାମୂହିକ୍ ଅଭିଯୋଗ୍ ଥିଲା । ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରଓ୍ୱାଲ୍‌ଙ୍କର୍ ସହେତେ ଅତିରିକ୍ତ ଏସ୍.ପି. ଆର୍ ଅଲ୍‌ଗା ବିଭାଗ୍‌ର ଅଧିକାରୀମାନେ ଇଥି ଯୋଗ୍ ଦେଇଥିଲେ ।

ଝାର୍‌ସୁଗୁଡ଼ା ଜିଲ୍ଲା ବ୍ରଜରାଜ୍‌ନଗର୍ ପୌରପାଳିକା ନ ହେଇଥିବା ଜନଶୁଣାଣିଥି ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍‌ଓ୍ୱଣେ ଆର୍ ଆର୍‌କ୍ଷୀ ଅଧିକ୍ଷକ ସ୍ମିଥ୍ ପର୍‌ମାର୍ ଯୋଗ୍ ଦେଇକରି ୩୭ ଟା ଅଭିଯୋଗ୍‌ର ଶୁଣାଣି କରିଥିଲେ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ନ ଜନଶୁଣାଣି ଶିବିର ଅନୁଷ୍ଠିତ ହେଇଯାଇଛେ । ଇଥି ଭାରପ୍ରାପ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍ ଆର୍ ଏସ୍.ପି. ବୀରେନ୍ଦ୍ର କୁମାର୍ ନାୟକ ଅଭିଯୋଗ୍ ମାନ୍କର୍ ଶୁଣାଣି କରିଥିଲେ । ସେ ଭିତ୍ରେ ୨୯ ଟା ବ୍ୟକ୍ତିଗତ ଆଉ ୧୧ ଟା ସାମୂହିକ ଦର୍ଖାସ୍ତ ହେଇଥିଲା । ୬ ଟା ଦର୍ଖାସ୍ତର ସାଙ୍ଗେସାଙ୍ଗ ସମାଧାନ୍ କରାଯାଇଥିବାର୍ ବେଲେ ଅଲ୍ଗା ଅଭିଯୋଗ୍ ମାନ୍କର୍ ଶୁଣାଣି ଜଲ୍ଦି କର୍ବାର୍କେ ନିର୍ଦ୍ଦେଶ୍ ଦିଆଯାଇଥିଲା ।

## ଗୃହନିର୍ମାଣ୍ କାର୍ଯ୍ୟାଦେଶ୍ ବଂଟନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆର୍ରୋଡ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ ତର୍ଫୁ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍ଥି ୪୫ ଝନ୍ ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜନାର୍ ହିତାଧିକାରୀମାନ୍କୁ ଗୃହନିର୍ମାଣ୍ ଲାଗି କାର୍ଯ୍ୟାଦେଶ୍ ଦିଆଯାଇଥିବାର୍ ବେଲେ ୧୨ ଝନ୍ ନୂଆଁ ହିତାଧିକାରୀଙ୍କୁ ଭତା ଦିଆଯାଇଥିଲା ।

## ଆଦିମ ଜନଜାତି-ଜଙ୍ଗଲ୍ ଜମି ପଟ୍ଟା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍‌ର ସୁନାବେଡ଼ା ଅଭୟାରଣ୍ୟ ଭିତ୍‌ରେ ରହୁଥିବା ଆଦିମ ଜନଜାତି ଲୁକ୍‌କୁ ଆଏଜ୍ ଜଙ୍ଗଲ୍ ଜମି ପଟ୍ଟା ଦିଆଯାଇଛେ । ଉପଜିଲ୍ଲାପାଲ୍ ଯୋଗେନ୍ଦ୍ର ମାଝୀଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନ୍‌କର୍ ଉପସ୍ଥିତିଥି ଶହେ ୩୦୯ନ୍ ଆଦିମ ଜନଜାତି ଆର୍ ୯ନେ ଆଦିବାସୀଙ୍କୁ ପଟ୍ଟା ଦିଆଯାଇଥିଲା ।

## ଜିଲ୍ଲାସ୍ତରୀୟ ଶିଶୁ ଓଜନ ଆଉ ଉଚ୍ଚତା ନିରୀକ୍ଷଣ ତାଲିମ୍ କାର୍ଯ୍ୟକ୍ରମ୍

ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ୍‌ର ବୟନ ଶିଳ୍ପ ସମ୍ମିଲନୀ କକ୍ଷ ନ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଶିଶୁ ଓଜନ ଆଉ ଉଚ୍ଚତା ନିରୀକ୍ଷଣ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଉଦ୍‌ଘାଟନ୍ କରିଥିବା ଇ କାର୍ଯ୍ୟକ୍ରମ୍‌ଥି ୟୁନିସେଫ୍‌ର ରାଜ୍ୟସ୍ତରୀୟ ପରାମର୍ଶଦାତା ସ୍ମୃତିରଞ୍ଜନ୍ ସାମନ୍ତରାୟ ଯୋଗ୍ ଦେଇକରି ମହିଲା ଆଉ ଶିଶୁମାନ୍‌କର୍ ଉପଯୁକ୍ତ ଯତ୍ନ ଲାଗି ପରାମର୍ଶ ଦେଇଥିଲେ ।

## ଜିଏମ୍‌ୟୁ-ଚିତ୍ରକଳା ଆଉ ହସ୍ତଶିଳ୍ପ ସାର୍ଟିଫିକେଟ୍ ପାଠ୍ୟକ୍ରମ

ସମ୍ବଲ୍‌ପୁର୍ ସମ୍ବାଦଦାତା

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ଚିତ୍ରକଳା ଆଉ ହସ୍ତଶିଳ୍ପ ସାର୍ଟିଫିକେଟ୍ ପାଠ୍ୟକ୍ରମ ମୂଲ୍ ହେଇଛେ । ଇ ଅବ୍‌ସରେ ଆଏଜ୍ ବରିଷ୍ଠ ଚିତ୍ରଶିଳ୍ପୀ ଭୋଲାନାଥ ନାଏକଙ୍କର୍ ସଭାପତିତ୍ୱଥି ହେଇଥିବା ସଭାଥି ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଏନ୍. ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଗୁଟେ ୨ ଦିନିଆ ଚିତ୍ରକଳା ପ୍ରଦର୍ଶନୀ ଭିଲ୍ ଆୟୋଜନ୍ କରାଯାଇଥିଲା ।

ନିଯୁକ୍ତି ବୃଦ୍ଧି ଆର୍‌ଏନ୍‌ୟୁ/ କଟକ୍

ଦେଶେ ଗଲା ଆର୍ଥିକ୍ ବଛରେ ନିଯୁକ୍ତି ଅନୁପାତ ବଢ଼ିଛେ ବଲି ଭାରତୀୟ ରିଜର୍ଭ ବେଙ୍କ୍- ଆର୍‌ବିଆଇ ସୂତ୍ରନୁ ଜନାପଡ଼ିଛେ । ଆର୍‌ବିଆଇ ତର୍‌ଫୁ ବାହାରିଥିବା ରିପୋର୍ଟ ଅନ୍‌ସାରେ ଗଲା ଆର୍ଥିକ୍ ବଛରେ ନିଯୁକ୍ତି ଅଭିବୃଦ୍ଧି ୬ ପ୍ରତିଶତ୍ ରହିଥିଲା । ଇଟା ଗଲା ୨୦୨୨ -୨୩ ଆର୍ଥିକ୍ ବଛର୍‌ନୁ ୨ ଦଶ୍‌ମିକ୍ ୮ ପ୍ରତିଶତ୍ ଅଏତ୍‌କା ଆଏ । ଗଲା

ଆର୍ଥିକ୍ ବର୍ଷରେ ଦେଶେ ମୋଟ୍ ନିଯୁକ୍ତି ୬ କୋଟି ୪୩ ଲାଖ୍ ୩୦ ହଜାର୍ ହେଇଥିଲା ବଲି ରିପୋର୍ଟଥି କୁହାଯାଇଛେ ।